# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19 February – 2026

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ବଜେଟ୍ ଅଧିବେଶନର ତୃତୀୟ ଦିନରେ ଆଜି ରାଜ୍ୟପାଳଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଗୃହରେ ହେଲା ଆଲୋଚନା
- ଚଳିତ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ

— ଆସନ୍ତାକାଲି ବଜେଟ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ୨୮ ହଜାର ୫୧୧ଟି ଘରବାଡିଶୂନ୍ୟ ପରିବାରକୁ ଜମି ପଟ୍ଟା ପ୍ରଦାନ

ଏବଂ

- ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସୁନାଖଣି ସନ୍ଧାନ ନେଇ ବିଭାଗୀୟ ମନ୍ତ୍ରୀଙ୍କ ଗୃହରେ ସୂଚନା

## ବିଧାନସଭା-୧

ସପ୍ତଦଶ ବିଧାନସଭା ବଜେଟ ଅଧିବେଶନର ଆଜି ତୃତୀୟ ଦିନର ଦ୍ୱିତୀୟାର୍ଦ୍ଧରେ ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଶାସକ ଦଳର ସଦସ୍ୟ ଟଙ୍କଧର ତ୍ରିପାଠୀ, ଇରାଶୀଷ ଆଚାର୍ଯ୍ୟ, ପ୍ରତାପ ନାୟକ, ଅଶ୍ୱିନୀ ଷଡଙ୍ଗୀ ଅଂଶଗ୍ରହଣ କରିଥିଲେ। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମୟରେ ବିରୋଧିଦଳ ସଦସ୍ୟମାନେ ଧାନକ୍ରୟ ଓ ଚାଷୀ ସମସ୍ୟାକୁ ନେଇ ଗୃହରେ ହଟ୍ଟଗୋଳ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସମୟରେ କକ୍ଷତ୍ୟାଗ କରିଥିଲେ। ପ୍ରଥମାର୍ଦ୍ଧରେ ଚଳିତ ଆର୍ଥିକବର୍ଷର ରାଜ୍ୟର ଅର୍ଥନୈତିକ ସର୍ଭେ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଥିଲା। ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ପ୍ରଥମାର୍ଦ୍ଧର ଗୃହ ୧୧ ମିନିଟ୍ ଚାଲିବା ପରେ ମୁଲତବୀ ଘୋଷଣା ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବିଧାନସଭାରେ ଆସନ୍ତାବର୍ଷର ବଜେଟ୍ ଉପସ୍ଥାପନ କରିବେ।

## ବିଧାନସଭା-ସୁନା ଖଣି

ଦେବଗଡ଼ ଜିଲ୍ଲାର ଆଡାସ-ରାମପାଲ୍ଲୀ ଅଞ୍ଚଳ, କେନ୍ଦୁଝର ଜିଲ୍ଲାର ଗୋ-ପୁର-ଜଳଡିହି ଅଞ୍ଚଳ ଓ ମୟୂରଭଞ୍ଜ ଜିଲ୍ଲାର ମଦନସାହି-କାଞ୍ଜିଆ

ଅଂଚଳରେ ସୁନାଖଣିର ସନ୍ଧାନ ମିଳିଛି। ବିଧାନସଭାରେ ଏ ସଂକ୍ରାନ୍ତରେ ସୂଚନା ଦେଇ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଏହି ସ୍ଥାନଗୁଡ଼ିକରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓ ଭାରତ ଭୂ-ବିଜ୍ଞାନ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ ସରିଛି। ଓଡ଼ିଶା ଖଣି ନିଗମ, ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଓ ଭାରତୀୟ ଭୂ-ବିଜ୍ଞାନ ସଂସ୍ଥାଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପ୍ରାରମ୍ଭିକ ଅନୁସନ୍ଧାନ ପରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ଗୋବିନ୍ଦପାଲ୍ଲୀ, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲ୍ଲାର କିଛି ଅଞ୍ଚଳରେ ସୁନାପଥର ବିକ୍ଷିପ୍ତ ଭାବେ ଥିବା ଅନୁମାନ କରାଯାଉଛି।

## ବିଧାନସଭା-ଘରବାଡି

ରାଜ୍ୟରେ ୩୫ ହଜାର ୪୫୨ଟି ଘରବାଡିଶୂନ୍ୟ ପରିବାର ଚିହ୍ନଟ ହୋଇଛନ୍ତି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ସଦସ୍ୟ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ପୂଜାରୀ କହିଛନ୍ତି, ଯୋଗ୍ୟ ବିବେଚିତ ହୋଇ ୨୮ ହଜାର ୫୧୧ଟି ଘରବାଡିଶୂନ୍ୟ ପରିବାରକୁ ପଟ୍ଟା ପ୍ରଦାନ କରାଯାଉଛି। ସର୍ବାଧିକ ଏକ ହଜାର ୨୯ଟି ପରିବାର ନବରଙ୍ଗପୁର ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି। ସେହିଭଳି ବରଗଡ଼ଜିଲ୍ଲା ଅତାବିରା ତହସିଲରେ ୬୩୦ଟି ପରିବାରକୁ ଏହି ପଟ୍ଟା ପ୍ରଦାନ କରାଯାଇଛି।

## ବିଧାନସଭା-ରାଜସ୍ୱ

ରାଜ୍ୟରେ ଗତ ୫ ବର୍ଷରେ ୧୧ ହଜାର ୨୨୩ଟି ବେଆଇନ୍ ବାଲି ଖନନ ଉପରେ ଚଢ଼ାଉ କରାଯାଇଛି ବୋଲି ପରିବହନ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ବିଧାନସଭାରେ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜେନା କହିଛନ୍ତି, ୧୦ ହଜାର ୪୦୫ଟି ମୋଟରଯାନକୁ ଜବତ କରାଯାଇଛି । ୧ ହଜାର ୧୦୧ ଜଣଙ୍କୁ ଗିରଫ କରାଯିବା ସହ ଏହି ସମୟ ମଧ୍ୟରେ ୬୪ କୋଟି ୪ ଲକ୍ଷ ୬୬ ହଜାର ୧୦୭ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଲଘୁ ଖଣିଜ ଦ୍ରବ୍ୟରୁ ୫୩୫ କୋଟି ୩୨ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ନେଇ ମନ୍ତ୍ରୀ ଗୃହକୁ ଅବଗତ କରିଛନ୍ତି ।

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ଚଳିତ ବର୍ଷ ପାଇଁ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀଙ୍କ ଲାଗି ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ପରୀକ୍ଷାର ସୁଗମ ପରିଚାଳନା ପାଇଁ ୭୨ଟି ଜିଲ୍ଲାସ୍ତରୀୟ ଫ୍ଲାଇଂ ସ୍କ୍ୱାଡ୍ ଏବଂ ୩୭ଟି ବିଏସ୍ଇ ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି । ପରୀକ୍ଷା ପରିଚାଳନା ତଦାରଖ କରିବା ଏବଂ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବା ପାଇଁ ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ରରେ ଜଣେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ପରୀକ୍ଷାର ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡକ୍ଟର ଏମ୍.ତିରୁମାଲା ନାୟକ ଭୁବନେଶ୍ୱରର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ ସହ କଟକସ୍ଥିତ ବୋର୍ଡର

ମୁଖ୍ୟ କାର୍ଯ୍ୟାଳୟ ଗସ୍ତ କରିଥିଲେ। ପରୀକ୍ଷା ପରିଚାଳନା ପ୍ରସ୍ତୁତି, ସିଟିଂ ବ୍ୟବସ୍ଥା ଓ ପ୍ରଶ୍ନପତ୍ର ବଣ୍ଟନ ସମ୍ପର୍କରେ ଶ୍ରୀ ନାୟକ ସମୀକ୍ଷା କରିଥିଲେ। ମାଟ୍ରିକ ପରୀକ୍ଷା ଆସନ୍ତା ମାସ ୨ ତାରିଖ ଯାଏଁ ଚାଲିବ।

## କବଚ

ସାଇବର ଅପରାଧ ନେଟ୍‌ୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଆରମ୍ଭ କରାଯାଇଥିବା ଅପରେସନ୍ ସାଇବର କବଚ ରାଜ୍ୟବ୍ୟାପୀ ଜାରି ରହିଛି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଅଭିଯାନର ସପ୍ତମ ଦିନରେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୁଲିସ୍‌କୁ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ଘଟଣାରେ ପୁଲିସ୍ ୧ ହଜାର ୧୬୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ୮୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ବିଧାନସଭା-ଅର୍ଥନୈତିକ ସର୍ଭେ

ବିଧାନସଭାରେ ଆଜି ଚଳିତ ଆର୍ଥିକ ବର୍ଷର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏଥିରେ ରାଜ୍ୟର ପ୍ରକୃତ ଅଭିବୃଦ୍ଧି ହାର ୭ ଦଶମିକ ୯ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷଠାରୁ ଏହା ଅଧିକ ହେବ। ସର୍ବଭାରତୀୟସ୍ତରରେ ଅଭିବୃଦ୍ଧି ହାର ୭ ଦଶମିକ ୪ ପ୍ରତିଶତଠାରୁ ମଧ୍ୟ ଏହା ଅଧିକ ରହିବ ବୋଲି ଆକଳନ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଦୃଢ଼

ଅଭିବୃଦ୍ଧି ହାର ସହ ରାଜ୍ୟରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି। ଅନ୍ନଦାତାଙ୍କ ନିଷ୍ଠା ଓ ପରିଶ୍ରମ ପାଇଁ ଚଳିତ ଆର୍ଥିକବର୍ଷରେ ରେକର୍ଡ ୧୫୦ ଲକ୍ଷ ମେଟ୍ରିକ୍‌ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଛି। ଚାଷୀଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ପ୍ରଦାନ ପାଇଁ ୨୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏମ୍‌ଏସ୍‌ପି ଏବଂ ଇନ୍‌ପୁଟ୍ ସହାୟତା ବାବଦରେ ପ୍ରଦାନ କରାଯାଇଛି। ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ରାଜ୍ୟ ଶକ୍ତିଶାଳୀ କେନ୍ଦ୍ର ଭାବେ ଉଭା ହୋଇଛି। ନାରୀ ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ପରିବର୍ତ୍ତନର ବାହକ ସାଜିଛି। ରାଜ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହେବା ସହ ଶ୍ରମଶକ୍ତିରେ ମହିଳା ଅଂଶଗ୍ରହଣ ୪୮ ଦଶମିକ ୭ ପ୍ରତିଶତକୁ ବୃଦ୍ଧି ପାଇଛି।

## ବାଲ୍ୟବିବାହ ମୁକ୍ତ

ରାଜ୍ୟକୁ ୨୦୩୦ ମସିହା ସୁଦ୍ଧା ବାଲ୍ୟବିବାହମୁକ୍ତ ଭାବେ ଗଢ଼ି ତୋଳିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ **ଦେବଗଡ଼** ଜିଲ୍ଲା ଦ୍ୱିତୀୟ ପର୍ଯ୍ୟାୟରେ ୩୬୪ ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ ବାଲ୍ୟବିବାହମୁକ୍ତ ଘୋଷଣା କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ବିଭାଗ ମିଳିତ ଭାବେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ସହ ବାଲ୍ୟବିବାହ ନିଷେଧ ଆଇନ୍ ପ୍ରବର୍ତ୍ତନ ମାଧ୍ୟମରେ ପ୍ରୟାସ ଜାରି ରଖିଛନ୍ତି। ସମସ୍ତ ଗ୍ରାମ ଓ ବ୍ଲକ୍‌ରେ ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ୍ ଗଠନ

କରାଯାଇଛି। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ବିବାହ ପଞ୍ଜୀକରଣ ରେଜିଷ୍ଟରରେ ସମସ୍ତ ବିବାହକୁ ବାଧ୍ୟତାମୂଳକ ପଞ୍ଜୀକରଣ କରୁଛନ୍ତି। ସୂଚନାକାରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ଏହା ସହ ଜରୁରିକାଳୀନ ୨୪ ଘଣ୍ଟିଆ ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ ଓ ମହିଳା ସହାୟତା ନମ୍ବର ୧୮୧ କାର୍ଯ୍ୟ କରୁଛି। ପୂର୍ବରୁ ଗଞ୍ଜାମ ଓ ଗଜପତି ଜିଲ୍ଲା ବାଲ୍ୟବିବାହମୁକ୍ତ ଘୋଷିତ ହୋଇଛି।

## ବିଧାନସଭା

**ଦେବଗଡ଼** ଜିଲ୍ଲା ତିଳେଇବଣି ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ମହିଳା କମିଶନଙ୍କ ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁମ ପ୍ରମୁଖ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ଆଇନ୍ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ବ୍ଲକ୍‌ର ବିଭିନ୍ନ ପଂଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

## ଆଲୋଚନାଚକ୍ର

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ୍‌ର ନୂତନ ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ବାର୍ଷିକୀ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତର ସଂଗଠନ ଓ ଏକତା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ

ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବ୍ଲକ୍‌ସ୍ତରୀୟ କବାଡି ଓ କୁସ୍ତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## କୃଷି ବୈଠକ

**ଢେଙ୍କାନାଳ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ରବି ଫସଲ ୨୦୨୫-୨୬ ନିମନ୍ତେ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖରିଫ୍ ଋତୁରେ ବିଭିନ୍ନ ଫସଲ ପାଇଁ ୧ ଲକ୍ଷ ୭୨ ହଜାର ୪୦୦ ହେକ୍ଟର ଜମି ଧାର୍ଯ୍ୟ କରାଯାଇଛି। ୧ ଲକ୍ଷ ୬୫ ହଜାର ୫୨୨ ହେକ୍ଟର ଜମିରେ ଏହି ଚାଷ କରାଯାଉଛି ବୋଲି ବୈଠକରୁ ସୂଚନା ମିଳିଛି। ରବି ଫସଲ ପାଇଁ ବିଭିନ୍ନ ଉତ୍ସ ମାଧ୍ୟମରେ ୪୪ ହଜାର ୯୧୬ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି କୃଷି ଅଧିକାରୀ ବିଶ୍ୱନାଥ ଦାସ କହିଛନ୍ତି।

## ଜଳସେଚନ

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବ୍ଲକ୍ ଟାକରା ଗ୍ରାମପଂଚାୟତ ମଞ୍ଜାରୀଠାରେ ପ୍ରସ୍ତାବିତ ବୃଉଙ୍ଗ ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ବାଣିଗୋଚ୍ଛା ପଂଚାୟତର ଗୁମୁରୁଖାଲ ଓ ତାକୁଡା ଗ୍ରାମବାସୀଙ୍କୁ ନେଇ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଗ୍ରାମରେ ଥିବା ଭୁମିହୀନ ପରିବାରକୁ ସମସ୍ତ

ପ୍ରକାର ସହାୟତା ସହ ଥଇଥାନ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ।

## ଜଙ୍ଗଲ ସୁରକ୍ଷା

**ନୟାଗଡ଼** ଜିଲ୍ଲା ଦଶପଲ୍ଲା କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ୍ ୟୁନିଟ୍ ଓ ବନବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି ।

## ବୁଣାକାର ଆଲୋଚନା

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ୍ କେଳାକଟା ଗ୍ରାମରେ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ଯୋଜନା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ବୁଣାକାରମାନଙ୍କ ଉତ୍ପାଦନ ବୃଦ୍ଧି ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

## ବାଣିଜ୍ୟ ମେଳା

**ରାୟଗଡ଼ା** ସରକାରୀ ଆଇଟିଆଇ ପରିସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ ଏମ୍ଏସ୍ଏମ୍ଇର ମିଳିତ ସହଯୋଗରେ ଏକ ବାଣିଜ୍ୟ ମେଳା

ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ପାଇଁ ପ୍ରଦର୍ଶନୀକୁ ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ୫ ଜଣ ମନୋନୀତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

## ଗୃହପ୍ରବେଶ

**ରାୟଗଡ଼ା** ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନୂତନ କୋଠାର ଗୃହପ୍ରବେଶ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଗତ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩ କୋଟି ୬୧ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାର ଉଦ୍‌ଘାଟନ କରିଥିଲେ।

## ଅଦ୍ୱ୍ୟକା ଯୋଜନା

**ପୁରୀ** ଜିଲ୍ଲା ସର୍କିଟହାଉସ୍‌ଠାରେ ଜିଲ୍ଲା ସମାଜକଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୱ୍ୟକା ଯୋଜନା ମାଧ୍ୟମରେ କିଶୋରୀ ବାଳିକାମାନଙ୍କ ଦିନିକିଆ ଜିଲ୍ଲାସ୍ତରୀୟ ଦକ୍ଷତାବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇ କହିଛନ୍ତି, କଠିନ ପରିଶ୍ରମ ଓ ଅଧ୍ୟବସାୟ ବିନା ସଫଳତା ଅସମ୍ଭବ। ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଶ୍ରୀ ପରିଡା କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି।